# ସପ୍ତବିଂଶ    ପରିଚ୍ଛେଦ

**ଅପୂର୍ବ   ମିଳନ :**

ମନୁଷ୍ୟ  ଆପଣା  କର୍ମଫଳ   ଭୋଗ  କରେ ।  ତୁମେ  ଭଲ  ଅବା ମନ୍ଦ  ଯେପରି  କର୍ମ   କରିବ,  ତହିଁର  ପ୍ରତିଫଳ   ଅବଶ୍ୟ  ତୁମ୍ଭଙ୍କୁ   ଭୋଗ କରିବାକୁ  ହେବ ।  ହେ  ବୁଦ୍ଧିମାନ  ,  ତୁମ୍ଭେ   ଅତି  ନିର୍ଜନରେ  ,  ଅତି  ସାବଧାନରେ କିଛି  କର୍ମକରି   ମନେକରୁଛ,  ମନୁଷ୍ୟର  ଦୃଷ୍ଟିରେଖାର   ଅନ୍ତରାଳରେ   ରହିଛି । ଭୂମିରେ  ଗୋଟିଏ  କ୍ଷୁଦ୍ର    ବୀଜ  ପୋତିବାବେଳେ  କେହି  ଦେଖେ  ନାହିଁ  ସତ୍ୟ , ମାତ୍ର   ସେଥିରୁ  ଜାତ  ବୃକ୍ଷର   ମନୁଷ୍ୟନେତ୍ର   ଅତିକ୍ରମ   କରିବାର  ଉପାୟ  ନାହିଁ ।  ପୁଣି  ତୁମ୍ଭେ   ଯେଉଁ  ବୃକ୍ଷ   ରୋପଣ  କଲ  ତାହାର  ଫଳ  ତୁମ୍ଭଙ୍କୁ    କଦାଚିତ୍ ବଂଶପରମ୍ପରାକୁ   ଭୋଗ  କରିବାକୁ  ହେବ ।  ହେ  ବଳବାନ,  ଧନବାନ,  ଗର୍ବିତ ତୁମ୍ଭେ   ଯାହାକୁ  ଅତି  ସାମାନ୍ୟ  ଲୋକ  ବୋଲି  ତୁଚ୍ଛ   ଜ୍ଞାନ   କରୁଛ,  ଦିନେ ତାହାରିଦ୍ବାରା   କି  କାର୍ଯ୍ୟ    ସାଧିତ  ହୋଇପାରେ,  ତୁମ୍ଭେ   ତାହା  ଜାଣ  ନାହିଁ । ବଙ୍ଗ  ,  ବିହାର,  ଓଡିଶାର  ସୁବାଦାର  ଗୋଟିଏ  ସାମାନ୍ୟ  ଫକୀର  ପ୍ରତି ଅତ୍ୟାଚାର  କରି  ରକ୍ଷା   ପାଇପାରି  ନାହାନ୍ତି   ।  ଶିଖଗୁରୁ  ଗୋବିନ୍ଦ   ଜଣେ ସାମାନ୍ୟ  ମୁସଲମାନଙ୍କ   ଉପକାର  କରି  ପ୍ରାଣସଙ୍କଟ    ଜନକ  ଘୋର  ବିପଦରୁ ରକ୍ଷା   ପାଇଥିଲେ ।  ସେ  ଐତିହାସିକ  ବଡ  ବଡ  କଥା  ଛାଡିଦିଅ ।  ବାଘସିଂହ ଘରେ  ଚୌକିଆ  ଥିବା  ହେତୁରୁ  ରତନପୁରର  ଯେଉଁ  ଡମମାନଙ୍କୁ   ଆମ୍ଭମାନ  ଙ୍କ ମଙ୍ଗରାଜେ    ଚକ୍ରାନ୍ତ     କରି   ଜେଲ  ଦିଆଇଥିଲେ,  ଘଟନାସୂତ୍ରରେ   ଆଜି ସେହିମାନଙ୍କ   ହାତରେ  ଲାଞ୍ଛନା   ଭୋଗ  କରିବାକୁ  ହେଲା ।

ରତନପୁର  ମୌଜାର   ଡମମାନେ  ପ୍ରଥମଦିନ    ମଙ୍ଗରାଜଙ୍କୁ ଜେଲଖାନାରେ  ଦେଖି  -  ସଙ୍ଗାତ    ଅଇଲେ  -  ଶଶୁର  ଅଇଲେ  -  ସାଆନ୍ତେ ଅଇଲେ  -  କହି  ହସି  ହସି  ଟାପରା  କରି  ତାଙ୍କୁ   ଦଣ୍ଡବତ   କରିଥିଲେ ।  କେହି ଜଣେ  ଧନବନ୍ତ   ବଡ  ଲୋକ  ଜେଲଗଲେ  ପୁରୁଣା  ସରଦାର  କଏଦୀମାନେ  କିଛି ପାଇବା  ଆଶାରେ  ତାହା  ପ୍ରତି   ଅତ୍ୟାଚାର   କରିଥାନ୍ତି   ।   ମଙ୍ଗରାଜେ ରତନପୁରିଆଙ୍କ    ସାଙ୍ଗରେ    ଘଣା  ପେଲିବା  ସମୟରେ  ତାଙ୍କ   ଉପରେ ଗୋଇଠାଏ,  ଖୁନ୍ଦାଟାଏ   ବାଜିଯାଉଥାଏ ।

ଆମ୍ଭେମାନେ ଗୋଟିଏ କଥା କହିବାକୁ ଭୁଲି ଯାଇଛୁ , ମିଥ୍ୟା ସାକ୍ଷ୍ୟ ଦେବା ଅପରାଧରେ ଗୋବରା ଜେନାର କଠିନ ପରିଶ୍ରମ ସହିତ ଏକବର୍ଷ ମିଆଦ ହୋଇଯାଇଛି ।

ଦିନ କାହାରିକୁ ଅନାଇ ବସିରହେ ନାହିଁ । ଚିରକାଳ ସମାନ ଭାବରେ ଦିନ ରାତି ସମାନ ଭାବରେ ବହିଯାଉଛି । ମଙ୍ଗରାଜେ ଘଣା ପେଲୁଛନ୍ତି ବୋଲି ଯେ ଦିନ ଅଟକି ରହିବ, ଏମନ୍ତ କିଛି ନୁହେଁ । ଲୋକେ କହନ୍ତି , ' ସୁଖର ଦିନ ଘୋଡାରେ ଧାଏଁ, ଦୁଃଖର ଦିନ ହାତୀରେ ଚଢ଼ିଯାଏ । ' ତୁମ୍ଭେ ହାହା କହ, ଦିନ ତାହାର ନିଜର କାର୍ଯ୍ୟ ଭଲ ବୁଝେ । ତାହାର ଆଠ ପହରରୁ ନିସିଷେ ଆଡବାଙ୍କ ହେବାର ନାହିଁ । ଏକ - ଦୁଇ - ତିନି - ଚାରିଦିନ କରି ମଙ୍ଗରାଜଙ୍କ ଜେଲ ମିଆଦ ଦୁଇ ମାସ କଟିଗଲାଣି ।

ସେ ଯେଉଁ ବଖରାରେ ଶୋଉଥିଲେ, ସେ ବଖରାଟା ମରାମତ କରାଯିବାର ପ୍ରୟୋଜନ ହେବାରୁ ତାଙ୍କୁ ଅନ୍ୟ ଗୋଟିଏ ବଖରାକୁ ନିଆଗଲା । ଜେଲଖାନାରେ ଗୋଟିଏ ଗୋଟିଏ ବଖରାରେ ଆଠଟି ଲେଖାଏଁ ମାଟିର ପିଣ୍ଡି ବନ୍ଧାଥାଏ । ରାତିରେ କମ୍ବଳ ପାରି ସେଥିରେ ଆଠଜଣ କଏଦୀ ଶୁଅନ୍ତି । ଦୈବାତ୍ ରତନପୁର ମୌଜାର ଛଅଜଣ ଡମ, ଗୋବରା ଜେନା ଏବଂ ମଙ୍ଗରାଜେ ଏହି ଆଠ ଜଣ ଗୋଟିଏ ବଖରାରେ ରହିଲେ ।

ଚାରିଦିନ ତଳେ ମଙ୍ଗରାଜଙ୍କ ଉପରେ ଭାରି ଗୋଟାଏ ବିପଦ ଘଟିଯାଇଛି । ଆଜିକାଲି କଟକ ଦରଘା ବଜାରରେ ଯେ ଗୋଟିଏ ପାଗଳଖାନା ଅଛି, ଏପରି ପୂର୍ବେ ନ ଥିଲା । ବାୟାମାନଙ୍କୁ ଜେଲ୍‌ଖାନାରେ ବନ୍ଦ କରି ରଖାଯାଉଥିଲା । ମଙ୍ଗରାଜଙ୍କ ରହିବା କୋଠରୀର କିଛି ଦୂରରେ ପାଗଳା ଗାରଦ । ସେଠାରେ ଗୋଟିଏ ଭୟଙ୍କର ବାୟା ଥିଲା । ସେ ରାତିଯାକ ଶୁଏ ନାହିଁ, ମୋ ସାରିଆ, ମୋ ' ଛମାଣ ଆଠଗୁଣ୍ଠ ' କହି ନାଚେ, ଚିଲା ମାରେ, ଡକା ପାଡେ, ହସେ । ମଙ୍ଗରାଜଙ୍କୁ ଦେଖିଲେ ସର୍ବଦା କାମୁଡିବାକୁ ଧାଏଁ । ବରକନ୍ଦାଜମାନେ ଧରାଧରି କରି ରଖନ୍ତି । ସେଦିନ ହଠାତ୍ ଧାଇଁଆସି ମଙ୍ଗରାଜଙ୍କ ନାକ କାମୁଡି ପକାଇ ଛିଣ୍ଡାଇ ଦେଇଅଛି ।

ଆଜି ଜେଲଖାନା ଦୁଆରେ ଭାରି ଗୋଳମାଳ, ଦୁଇଗୋଟି ରୋଗୀ ପଡିଛନ୍ତି । ଗୋଟିଏ ଶୁକ୍ ଶୁକ୍ ହେଉଥିଲା, ମରିଗଲା । ଆଉ ଗୋଟାକୁ ଧୁଆଧୋଇ କରି ନେଟିଭ ଡାକ୍ତର ଓ କମ୍ପାଉଣ୍ଡର ପଟି ବାନ୍ଧିଦେଉଛନ୍ତି ।

ବେଳ ୯ ଘଣ୍ଟା ସମୟରେ ଡାକ୍ତର ସାହେବ ଆସି ମାଇନା କଲେ; ରୋଗୀର ସର୍ବାଙ୍ଗ ପରୀକ୍ଷା କଲେ । ଜେଲ୍ ଦାରୋଗା ରେଜିଷ୍ଟରୀ ବହି ଦେଖି କହିଲେ -

ଲାସ୍ ୯୭୭ ନମ୍ବର କଏଦୀ ଗୋବରା ଜେନା ।

ରୋଗୀ - ନ ୯୭୫ କଏଦି ରାମଚନ୍ଦ୍ର ମଙ୍ଗରାଜ । ରୋଗୀର ସର୍ବାଙ୍ଗ ସ୍ଥାନେ ସ୍ଥାନେ ଫୁଲିଛି, ନାକଦଣ୍ଡା ଫାଟିଯାଇ ରକ୍ତ ବହୁଛି, ସମୟ ସମୟରେ ରକ୍ତ ବାନ୍ତି ହେଉଛି । ଡାକ୍ତର ସାହେବ ରୋଗର କାରଣ ମାଡ ବୋଲି ସ୍ଥିର କଲେ ।

ଖୁବ୍ ତଦାରଖ ହେଲା, ଧୂମଧାମ ହେଲା, କିଏ ମାଡ ମାରିଲା ସ୍ଥିର ହେଲା ନାହିଁ । ରୋଗୀର କଥା କହିବାର ଶକ୍ତି ନାହିଁ । କେବଳ ଗତ ରାତ୍ରିରେ ପହରା ବରକନ୍ଦାଜ ଅର୍ଦ୍ଧରାତ୍ର ସମୟରେ ଦୁମ୍‌ଦାମ ଗୁମ୍‌ଗାମ ଶବ୍ଦ ଶୁଣିଥିବାର ସାକ୍ଷ୍ୟ ଦେଲା । ଡମ ଛ ଜଣ ସାକ୍ଷ୍ୟ ଦେଲେ, କଏଦୀ ଦୁଇଜଣ ପରସ୍ପର ବାଡିଆବାଡେଇ ହୋଇଅଛନ୍ତି ।

ମକଦ୍ଦମା ତଦାରଖ ଖତମ ହେଲା । ଡାକ୍ତର ସାହେବ ହୁକୁମ ଦେଲେ - ରୋଗୀର ବଞ୍ଚିବାର ସମ୍ଭାବନା ବିରଳ, ତାହାର ଜ୍ଞାତି ବନ୍ଧୁ ଇଚ୍ଛା କଲେ ଚିକିତ୍ସାସକାଶେ ଘରକୁ ଘେନିଯାଇପାରନ୍ତି । ଥାନାଦ୍ବାରା ଗୋବିନ୍ଦପୁରରେ ସାହେବଙ୍କ ହୁକୁମ ପହଞ୍ଚିଲା ।

ପୁଅମାନ ଧାନଅମାର ତଳିପୋଛ ପ୍ରାୟ କରିଦେଲେଣି । ସେମାନେ ବାପକୁ ଚିହ୍ନନ୍ତି । ଫେରି ଅଇଲେ କି ରକ୍ଷା ? କେଉଁ ବୁଦ୍ଧିମାନ ଲୋକ ଜାଣୁ ଜାଣୁ ଆପଣା ବିପଦକୁ ଡାକିଆଣେ ? '' ଆତ୍ମାନଂ ସତତଂ ରକ୍ଷେତ୍ '' ଏହି ନୀତିବାକ୍ୟଟା ସମସ୍ତଙ୍କୁ ଜଣା ।

ବୁଢ଼ା ହଳିଆ ମୁକୁନ୍ଦା ଲଣ୍ଡଭଣ୍ଡ ହୋଇ ଦୁଇଟା ଅଣ୍ଡିରା , ଚାରି ଛ'ଟା ପହ୍ଲାଣ ସଜ ବିକିଦେଇ ଖଣ୍ଡେ ଡୋଲି ଧରି ତରବର ହୋଇ କଟକ ଧାଇଁଲା ।

--0--